# NATIONAL NEWS BULLETIN (ODIA)
## 06th September - 2025
## Evening Bulletin : 7.15 p.m.

***********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଆଶୁତୋଷ ପତି**

## ମୁଖ୍ୟ ସମ୍ବାଦ

- ଜି.ଏସ୍.ଟି. ସଂସ୍କାର ମାଧ୍ୟମରେ ଦେଶର ମଧ୍ୟବିତ୍ତ ବର୍ଗଙ୍କୁ ପ୍ରଧାନମନ୍ତ୍ରୀ ମୂଲ୍ୟବାନ ଉପହାର ପ୍ରଦାନ କରିଛନ୍ତି; କହିଲେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ।

- ଭାରତ ଓ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼ ରହିଆସିଛି ବୋଲି କହିଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।

- ଭାରତ-ନେପାଳ ନ୍ୟାୟିକ ଆଲୋଚନ ବୈଠକକୁ ସମ୍ବୋଧନ କଲେ ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ।

- ଓଡ଼ିଶା-ଛତିଶଗଡ଼ ମହାନଦୀ ଜଳବିବାଦ ମାମଲାର ୪୫ତମ ଟ୍ରିବ୍ୟୁନାଲ୍ ଶୁଣାଣି ଅନୁଷ୍ଠିତ ।

ଏବଂ

- ପୁରୁଷ ଏସିଆ କପ୍ ହକି ଚାମ୍ପିୟନ୍‌ସିପ୍‌ର ସୁପର ଫୋର୍ ପର୍ଯ୍ୟାୟରେ ଆଉ କିଛି ସମୟ ପରେ ହେବ ଭାରତ-ଚୀନ୍ ମୁକାବିଲା ।

## ବୈଷ୍ଣବ - ଜି.ଏସ୍.ଟି. ସୁଧାର

ଜି.ଏସ୍.ଟି. ସଂସ୍କାର ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ମଧ୍ୟବିତ୍ତ ପରିବାରବର୍ଗଙ୍କୁ ଏକ ମୂଲ୍ୟବାନ ଉପହାର ପ୍ରଦାନ କରିଛନ୍ତି ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ନୂଆଦିଲ୍ଲୀରେ ଆଜି ଗଣମାଧ୍ୟମକୁ ସମ୍ବୋଧନ କରି ସେ କହିଛନ୍ତି, ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ଦେଶର ଘରୋଇ ଉତ୍ପାଦନକୁ ତ୍ୱରାନ୍ୱିତ କରିବ । ଏହାଦ୍ୱାରା ପ୍ରାୟ ୨୦ ଲକ୍ଷ କୋଟି ଟଙ୍କାର ଲାଭ ମିଳିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ଜି.ଏସ୍.ଟି. ସଂସ୍କାର ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ସେ କହିଛନ୍ତି, ୨୦୧୪ ମସିହା ପୂର୍ବରୁ ସାଧାରଣ ଜନତା ଟିକସ ଦାଖଲର ଜଟିଳ ପ୍ରକ୍ରିୟା ମାଧ୍ୟମରେ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହାର ପ୍ରଭାବ ବିଶେଷକରି ମଧ୍ୟମ ବର୍ଗଙ୍କ ଉପରେ ପଡୁଥିଲା । ଜି.ଏସ୍.ଟି. ସଂସ୍କାର ଟିକସ ଦାଖଲକୁ ଅଧିକ ସହଜ ଓ ସରଳ କରିପାରିଛି ।

***Voice (Baishnav)*** :.........

## ଜି.ଏସ୍.ଟି. - କୋଅପରେସନ୍ ମିନିଷ୍ଟ୍ରି

ଦ୍ରବ୍ୟ ଓ ସେବାକର - ଜି.ଏସ୍.ଟି. ସଂଶୋଧନ ଦେଶର ସମବାୟ କ୍ଷେତ୍ର, କୃଷିଜୀବୀ ଏବଂ ଗ୍ରାମୀଣ ଉଦ୍ୟୋଗକୁ ବିଶେଷ ସହାୟତା ପ୍ରଦାନ କରିବ ବୋଲି ସମବାୟ ମନ୍ତ୍ରଣାଳୟ କହିଛି । ଏକ ବିବୃତ୍ତିରେ ମନ୍ତ୍ରଣାଳୟ କହିଛି, ୧୦ କୋଟିରୁ ଊର୍ଦ୍ଧ୍ୱ ଦୁଗ୍ଧ ଚାଷୀ ଏହାଦ୍ୱାରା ସୁଫଳ ପାଇବେ । ସମବାୟ କ୍ଷେତ୍ର ଭିତ୍ତିଭୂମିକୁ ଏହା ସୁଦୃଢ଼ କରିବା ସହ ଉତ୍ପାଦ ଆବଶ୍ୟକତାକୁ ବୃଦ୍ଧି କରିବ । ଫଳରେ ଉତ୍ପାଦନ କ୍ଷେତ୍ର ତ୍ୱରାନ୍ୱିତ ହେବା ସହ ସମବାୟ କ୍ଷେତ୍ରରେ ଆର୍ôଥିକ ଅଭିବୃଦ୍ଧି ଘଟିବ । ଜି.ଏସ୍.ଟି. ପରିଷଦ ବୈଠକରେ ଦୁଗ୍ଧଜାତ ଦ୍ରବ୍ୟ ଉପରେ ଟିକସ ହ୍ରାସ କରାଯାଇଛି । ପନିର୍, ଛେନା ଏବଂ ଅତ୍ୟଧିକ ତାପମାତ୍ରାରେ ପ୍ରସ୍ତୁତ କ୍ଷୀର ଉପରେ  ପୂର୍ବରୁ ଥିବା ୫ ପ୍ରତିଶତ ଜି.ଏସ୍.ଟି. ହାରକୁ ସମ୍ପୂର୍ଣ୍ଣ ଛାଡ଼ କରାଯାଇଛି । ଅନ୍ୟପକ୍ଷରେ ବଟର, ଘିଅ ଓ ଲହୁଣୀ ଉପରେ ପୂର୍ବର ୧୨ ପ୍ରତିଶତ ଟିକସ ହାରକୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି ।

## ଜୟଶଙ୍କର - ମୋଦି

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତ ଏବଂ ଆମେରିକା ସମ୍ପର୍କକୁ ମହତ୍ତ୍ୱ

ପ୍ରଦାନ କରୁଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ବିବୃତ୍ତି ଉପରେ ପ୍ରଧାନମନ୍ତ୍ରୀ ଦେଇଥିବା ପ୍ରତିକ୍ରିୟା ସମ୍ପର୍କରେ ଗଣମାଧ୍ୟମ ସହ ଆଲୋଚନା କାଳରେ ଡକ୍ଟର ଜୟଶଙ୍କର ଏହା କହିଛନ୍ତି । ସେ କହିଛନ୍ତି, ଉଭୟ ନେତାଙ୍କ ମଧ୍ୟରେ ଦୃଢ଼ ବ୍ୟକ୍ତିଗତ ସମ୍ପର୍କ ରହିଆସିଛି । ଭାରତ ଏବଂ ଆମେରିକା ମଧ୍ୟରେ ନିରନ୍ତର ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼ ରହିଆସିଛି ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତ ଓ ଆମେରିକା ସଂପର୍କ ନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଇଥିବା ଭାବପୂର୍ଣ୍ଣ ମନ୍ତବ୍ୟକୁ ପ୍ରଶଂସା କରିଛନ୍ତି । ଶ୍ରୀ ଟ୍ରମ୍ପ ଦେଇଥିବା ମନ୍ତବ୍ୟର ଜବାବରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ଭାରତ ଓ ଆମେରିକା ମଧ୍ୟରେ ସକାରାତ୍ମକ ସଂପର୍କ ରହିଛି ଏବଂ ବିଶ୍ୱ ରଣନୈତିକ ସହଯୋଗ କ୍ଷେତ୍ରରେ ଏହି ସଂପର୍କ ଆଗକୁ ଆହୁରି ଦୃଢ଼ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

ଶ୍ରୀ ଟ୍ରମ୍ପ ଗତ ରାତିରେ ୱାଶିଂଟନ୍‌ରେ କହିଥିଲେ, ଭାରତ ଓ ଆମେରିକା ମଧ୍ୟରେ ଏକ ସ୍ୱତନ୍ତ୍ର ସଂପର୍କ ରହିଛି । ତେଣୁ ଦୁଇଦେଶ ମଧ୍ୟରେ ଥିବା ସହଭାଗିତାରକୁ ନେଇ ବ୍ୟତିବ୍ୟସ୍ତ ହେବାର କୌଣସି କାରଣ ନାହିଁ ।

# ଭାରତ-ନେପାଳ ନ୍ୟାୟିକ ସମ୍ବାଦ

ନ୍ୟାୟପାଳିକା ନ୍ୟାୟ ପ୍ରଦାନ ସହିତ ସମାଜରେ ସମାନତା, ମାନବୀୟ ଗରିମାକୁ ସୁନିଶ୍ଚିତ କରିଥାଏ ବୋଲି ପ୍ରଧାନ ବିଚାରପତି ଜଷ୍ଟିସ୍ ଭୂଷଣ ରାମକୃଷ୍ଣ ଗଭାଇ କହିଛନ୍ତି । କାଠମାଣ୍ଡୁଠାରୁ ଆଜି ଆୟୋଜିତ ନେପାଳ-ଭାରତ ନ୍ୟାୟିକ ଆଲୋଚନା ବୈଠକକୁ ଆଜି ସମ୍ବୋଧନ କରି ଜଷ୍ଟିସ୍ ଗଭାଇ କହିଛନ୍ତି, ନ୍ୟାୟପାଳିକା ସମ୍ବିଧାନର ପରିସୀମା ଭିତରେ ଗଣତନ୍ତ୍ରକୁ ସୁରକ୍ଷା ପ୍ରଦାନ କରିଥାଏ । ଏହି ଅବସରରେ ଜଷ୍ଟିସ୍ ଗଭାଇ ନ୍ୟାୟପାଳିକାଦ୍ୱାରା ପ୍ରଦତ୍ତ କେତେକ ନିଷ୍ପତ୍ତି ଉପରେ ଆଲୋକପାତ କରିଛନ୍ତି । ଏହି ବୈଠକରେ ଯୋଗଦେଇ ନେପାଳର ପ୍ରଧାନ ବିଚାରପତି ଜଷ୍ଟିସ୍ ପ୍ରକାଶମାନ ସିଂହ ରାଉତ କହିଛନ୍ତି, ଦୁଇଦେଶ ମଧ୍ୟରେ କେବଳ ସୀମା ସମ୍ପର୍କ ନୁହେଁ; ବରଂ ବିଚାରଗତ ସହଯୋଗ ମଧ୍ୟ ରହିଛି । ଦୁଇଦେଶ ମଧ୍ୟରେ ଆଇନଗତ ବୃତ୍ତି ଆଧାରିତ ଦ୍ୱିପାକ୍ଷିକ ସମ୍ପର୍କ ବଳବତ୍ତର ରହିଛି ବୋଲି ଜଷ୍ଟିସ ରାଉତ କହିଛନ୍ତି । ଏହି ଆଲୋଚନା ବୈଠକରେ ସର୍ବୋଚ୍ଚ ନ୍ୟାୟାଳୟ ଏବଂ ଅନ୍ୟା ନ୍ୟାୟାଳୟରେ କାର୍ଯ୍ୟରତ ବିଚାରପତି, ନେପାଳ ସୁପ୍ରିମ୍‌କୋର୍ଟର ବିଚାରପତି, ମାନବାଧିକାର କର୍ମୀ ଏବଂ ଜଳବାୟୁ ପରିବର୍ତ୍ତନ ଉପରେ କାର୍ଯ୍ୟ କରୁଥିବା ସଂସ୍ଥାଗୁଡ଼ିକର ପ୍ରତିନିଧି ଅଂଶଗ୍ରହଣ କରିଛନ୍ତି ।

# ମହାନଦୀ - ୱାଟର୍ ଡିଷ୍ଟ୍ରିବ୍ୟୁସନ

ଓଡ଼ିଶା-ଛତିଶଗଡ଼ ମଧ୍ୟରେ ମହାନଦୀ ଜଳବିବାଦ ମାମଲାର ୪୫ତମ ଶୁଣାଣି ଆଜି ଟ୍ରିବ୍ୟୁନାଲ୍‌ରେ ଅନୁଷ୍ଠିତ ହୋଇଛି । ଏ ସମ୍ପର୍କରେ ସୂଚନା ଦେଇ ଓଡ଼ିଶାର ଆଡ୍‌ଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି, ଗତମାସ ୨ ତାରିଖରୁ ଦୁଇ ରାଜ୍ୟ ମଧ୍ୟରେ ଜଳବିବାଦ ନେଇ ଆପୋଷ ବୁଝାମଣା ଆଗେଇଛି । ଏ ସଂକ୍ରାନ୍ତ ତଥ୍ୟ ଓଡ଼ିଶା ପକ୍ଷରୁ ଆଜି ଟ୍ରିବୁନାଲ୍ ସମ୍ମୁଖରେ ଉପସ୍ଥାପନ କରାଯାଇଛି । ଆସନ୍ତା ଅକ୍ଟୋବର ୧୧ ତାରିଖରେ ପରବର୍ତ୍ତୀ ଶୁଣାଣି ସମୟରେ ବୁଝାମଣାର ଅଗ୍ରଗତି ନେଇ ତଥ୍ୟ ଉପସ୍ଥାପନ କରିବାକୁ ଟ୍ରିବ୍ୟୁନାଲ୍ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଭୟ ରାଜ୍ୟ ମଧ୍ୟରେ ଆପୋଷ ବୁଝାମଣା ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏବଂ ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ୍‌ଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି । ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହ ଶ୍ରୀ ମାଝୀ ଇତିମଧ୍ୟରେ ଦୁଇଥର ଆଲୋଚନା କରିସାରିଛନ୍ତି । ଉଭୟ ରାଜ୍ୟର ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଏବଂ ବୈଷୟିକ ଟିମ୍ ମଧ୍ୟରେ ଗତକାଲି ଏହି ପ୍ରସଙ୍ଗରେ ଆଲୋଚନା ହୋଇଛି । କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତାରେ ସମାଧାନର ମାର୍ଗ ଉନ୍ମୋଚନ ନେଇ ପ୍ରୟାସ ଜାରି ରହିଛି ବୋଲି ଆଡ୍‌ଭୋକେଟ୍ ଜେନେରାଲ୍ ଶ୍ରୀ ଆଚାର୍ଯ୍ୟ ଗଣମାଧ୍ୟମକୁ କହିଛନ୍ତି ।

## ଆଇ.ଇ.ପି.ଏଫ୍.ଏ. କମିଟି

ଶିକ୍ଷା ଏବଂ ସୁରକ୍ଷା ନିବେଶକ ପାଣ୍ଠି କର୍ତ୍ତୃପକ୍ଷ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ଅଧୀନରେ ଏକ କମିଟି ଗଠନ କରିଛି । ନିବେଶ ସଂକ୍ରାନ୍ତ ନୀତି ତଥା ଏହାର ଅଧିକ ସରଳୀକରଣ ପାଇଁ ଏହି କମିଟି ସମୀକ୍ଷା କରିବା ସହ ଆବଶ୍ୟକ ପରାମର୍ଶ ପ୍ରଦାନ କରିବ । ନିବେଶ କ୍ଷେତ୍ରରେ ସ୍ୱଚ୍ଛତା ତଥା ସହଜତାକୁ ଦୃଷ୍ଟିରେ ରଖି ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଏହାକୁ ସମ୍ପନ୍ନ କରିବାକୁ ଲକ୍ଷ୍ୟ ରଖାଯାଇଛି । ସଂଶୋଧିତ ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟକ୍ତିଗଣ ବଣ୍ଡ, ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଡିମାଟ୍ ବଣ୍ଡ ଏବଂ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଦାବି ସମାଧାନ ସହଜ ହୋଇପାରିବ ।

## ଜିତେନ୍ଦ୍ର ସିଂହ - କ୍ୟାମ୍ପସ୍ ଟ୍ୟାଙ୍କ୍

ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଦେଶର ଯୁବକମାନଙ୍କୁ ସଶକ୍ତ କରିବାପାଇଁ ନୂଆଦିଲ୍ଲୀରେ କ୍ୟାମ୍ପସ୍ ଟ୍ୟାଙ୍କ୍'ର ଉଦ୍‌ଘାଟନ କରିଛନ୍ତି । ଏହି ଷ୍ଟାର୍ଟଅପ୍ ଦେଶର ଆଗାମୀ ପିଢ଼ି ବିଶେଷକରି ଯୁବ ପେସାଦାରମାନଙ୍କୁ ସେମାନଙ୍କର ନିଜସ୍ୱ ଷ୍ଟାର୍ଟଅପ୍ ପ୍ରତିଷ୍ଠା କରିବାରେ ସହାୟକ ହେବ । କ୍ୟାମ୍ପସ୍ ଟ୍ୟାଙ୍କ୍‌କୁ ଉଦ୍‌ଘାଟନ କରି ମନ୍ତ୍ରୀ ଡକ୍ଟର ସିଂହ କହିଛନ୍ତି, ୬ ମିଲିୟନ୍ ଡଲାର

ପାଣ୍ଠିରେ ସାରା ଦେଶପାଇଁ ଆରମ୍ଭ କରାଯାଇଥିବା ଏହି ଅଭିଯାନ ଯୁବ ଉଦ୍ୟୋଗୀମାନଙ୍କୁ ନୂତନ ଷ୍ଟାର୍ଟଅପ୍ ପ୍ରତିଷ୍ଠାପାଇଁ ଜ୍ଞାନକୌଶଳ ଯୋଗାଇଦେବା ସହିତ ପାଣ୍ଠି ସଂଗ୍ରହ କରିବାରେ ସହାୟକ ହେବ । ଦେଶକୁ ଏକ ବିଶ୍ୱସ୍ତରୀୟ ଷ୍ଟାର୍ଟଅପ୍ କେନ୍ଦ୍ର ଭାବେ ପ୍ରତିଷ୍ଠିତ କରିବା ସହିତ ବିକଶିତ ଭାରତ ଲକ୍ଷ୍ୟ ହାସଲ କରିବା ଦିଗରେ ଯୁବକମାନଙ୍କର ଭୂମିକା ଉପରେ ଶ୍ରୀ ସିଂହ ଗୁରୁତ୍ୱାରୋପ କରିଛନ୍ତି ।

## ୟୁ.ଏସ୍. - ଭେଞ୍ଜୁଆଲା

ଭେଞ୍ଜୁଆଲାରେ ନିଶାଦ୍ରବ୍ୟ ଚୋରା ବ୍ୟବସାୟ ବିରୋଧରେ ପଦକ୍ଷେପସ୍ୱରୂପ ଆମେରିକା ୧୦ଟି F-35 ଷ୍ଟିଲ୍‌ଥ୍ ଫାଇଟର୍ ଜେଟ୍ ମୁତୟନ କରିବାକୁ ନିଷ୍ପତ୍ତି ନେଇଛି । ରାଷ୍ଟ୍ରପତି ଡୋନାଲ୍‌ଡ୍ ଟ୍ରମ୍ପ ଏହି ବିମାନଗୁଡ଼ିକ ପୁଏର୍ତୋ ରିକୋ'ଠାରେ ମୁତୟନପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏକାଧିକ ଗଣମାଧ୍ୟମ ସୂତ୍ରରୁ ଏହା ଜଣାପଡ଼ିଛି । ଆମେରିକୀୟ ଅଧିକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଯୁଦ୍ଧ ବିମାନଗୁଡ଼ିକ ନିଶାଦ୍ରବ୍ୟ ଚୋରା କାରବାରକୁ ପ୍ରତିହତ କରିବ । କାରାବିଆନ୍ ଅଞ୍ଚଳରେ ବୃଦ୍ଧି ପାଉଥିବା ଅଶାନ୍ତ ବାତାବରଣକୁ ନିୟନ୍ତ୍ରଣ କରିବାରେ ଏହି ବିମାନଗୁଡ଼ିକ ସହାୟକ ହେବ ବୋଲି ଆମେରିକୀୟ ଅଧିକାରୀମାନେ ଆଶାବ୍ୟକ୍ତ କରିଛନ୍ତି ।

# ଦିଲ୍ଲୀ-ପଞ୍ଜାବ ରାହତ

ପଞ୍ଜାବ ବନ୍ୟା ପରିସ୍ଥିତି ନେଇ ଦିଲ୍ଲୀ ସରକାର ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୫ କୋଟି ଟଙ୍କା ସହାୟତା ରାଶି ପ୍ରଦାନ କରିବାପାଇଁ ନିଷ୍ପତ୍ତି ନେଇଛନ୍ତି । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଆଜି ଗଣମାଧ୍ୟକୁ କହିଛନ୍ତି, ବିପର୍ଯ୍ୟୟ ସମୟରେ ଦିଲ୍ଲୀର ଜନସାଧାରଣ ଓ ସରକାର ପଞ୍ଜାବ ଲୋକଙ୍କପାଇଁ ସହାୟତାର ହାତ ବଢ଼ାଇଛନ୍ତି । ପଞ୍ଜାବର ପ୍ରଭାବିତ ଲୋକ ଏହି ବିପତ୍ତିରୁ ଶୀଘ୍ର ମୁକୁଳିବାପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ଗୁପ୍ତା ପ୍ରାଥନା କରୁଥିବା ସୂଚନା ଦେଇଛନ୍ତି ।

# ବିହାର ଏସିଆ କପ୍ ହକି

ବିହାରର ରାଜଗିରିଠାରେ ଚାଲିଥିବା ପୁରୁଷ ଏସିଆ କପ୍ ହକି ଚାମ୍ପିୟାନ୍‌ସିପ୍‌ର ସୁପର ଫୋର୍ ପର୍ଯ୍ୟାୟରେ ଆଜି ଭାରତ' ଚୀନ୍‌କୁ ଭେଟିବ । ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ରାଜଗିରି ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଖେଳାଯିବ ।

ଆଜିର ପ୍ରଥମ ମ୍ୟାଚ୍ କୋରିଆ ଓ ମାଲେସିଆ ମଧ୍ୟରେ ଅନୁଷ୍ଠିତ ହୋଇଛି ।

ଏହି ପ୍ରତିଯୋଗିତାର ପଞ୍ଚମରୁ ଅଷ୍ଟମ ସ୍ଥାନ ମଧ୍ୟରେ ସ୍ଥାନିତ ହେବାପାଇଁ ଚାଲିଥିବା ମ୍ୟାଚ୍‌ଗୁଡ଼ିକ ମଧ୍ୟରେ ଆଜି କାଜାଖସ୍ତାନ ୬-୪ ଗୋଲ୍‌ରେ ଚାଇନିଜ୍ ତାଇପେଇକୁ ପରାସ୍ତ କରିଛି ।

ସେମିଫାଇନାଲ୍ ଏବଂ ଫାଇନାଲ୍ ମୁକାବିଲା ଆସନ୍ତାକାଲି ଅନୁଷ୍ଠିତ ହେବ । ଫାଇନାଲ୍ ମ୍ୟାଚ୍ ସନ୍ଧ୍ୟା ସାଢ଼େ ୭ଟାରେ ଖେଳାଯିବ ।

## ସ୍ପୋର୍ଟସ୍ ସ୍କ୍ୱାସ୍

ୟୁଶା ନଫିସ୍ ଏବଂ ରୁଦ୍ର ସିଂହ ଜୟପୁରଠାରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଭାରତୀୟ କନିଷ୍ଠ ଓପନ୍ ସ୍କ୍ୱାସ୍ ଚାମ୍ପିୟନସିପ୍‌ର ବାଳକ ଓ ବାଳିକା ବର୍ଗରେ ଟାଇଟଲ୍ ହାସଲ କରିଛନ୍ତି । ନଫିସ୍ ଏସୀୟ ଜୁନିୟର୍ ସ୍କ୍ୱାସ୍ ଟିମ୍‌ରେ ଭାରତପାଇଁ ବ୍ରୋଞ୍ଜ୍ ଜିତିଥିଲେ । ନଫିସ୍’ ରଚିତ୍ ଶାହାଙ୍କୁ ୫ଟି ସେଟ୍‌ରେ ହରାଇ କନିଷ୍ଠ ବାଳକ ବର୍ଗରେ ଏବଂ ରୁଦ୍ର ଭ୍ୟୋମିକା ଖଣ୍ଡେଲ୍‌ୱାଲ୍‌ଙ୍କୁ ହରାଇ ବାଳିକା ବିଭାଗରେ ଚାମ୍ପିୟନ୍ ହୋଇଛନ୍ତି ।

## ଆଇ.ଏମ୍.ଡି. ୱେଦର

ଭାରତୀୟ ପାଣିପାଗ ବିଭାଗ ଆସନ୍ତାକାଲି ଗୁଜରାଟ ଓ ରାଜସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି । ଗୁଜରାଟର କେତେକ

ସ୍ଥାନରେ ଅତି ପ୍ରବଳ ବର୍ଷା ହେବାନେଇ ସୂଚନା ଦିଆଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ମଧ୍ୟପ୍ରଦେଶର ପଶ୍ଚିମ ଭାଗ, ଗୁଜରାଟ, ରାଜସ୍ଥାନ, ହିମାଚଳ ପ୍ରଦେଶ, କୋଙ୍କଣ ଏବଂ ଗୋଆରେ ପ୍ରବଳ ବର୍ଷା ହୋଇଯାଇଛି । ଆସାମ ଓ ମେଘାଳୟର କେତେକ ସ୍ଥାନରେ ଆସନ୍ତା ୮ ତାରିଖ, ୧୧ ଓ ୧୨ ତାରିଖ ଏବଂ ପୂର୍ବ ମଧ୍ୟପ୍ରଦେଶ ଓ ଓଡ଼ିଶାରେ ଆସନ୍ତା ୯ ଓ ୧୦ ତାରିଖରେ ପ୍ରବଳ ବର୍ଷା ହେବାନେଇ ସୂଚନା ଦିଆଯାଇଛି ।

*****